### ଏକାଦଶୀ ନାହାକ ହତ୍ୟା ମାମଲାର ପର୍ଦ୍ଦାଫାସ୍

# ଗୁଣିଗାରେଡ଼ିରୁ ହତ୍ୟା; ଦେଢ଼ଶୁର, ଭାଇବୋହୂ ଗିରଫ

ରଙ୍ଗେଇଲୁଣ୍ଡା, ୧୭ ।୪(ସମିସ)



ଗତ ୧୨ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଗ୍ରାମର ଏକାଦଶୀ ନାହାକଙ୍କୁ ତାଙ୍କ ପାନବାଡ଼ ରାସ୍ତାରେ ହତ୍ୟା କରାଯାଇଥିଲା । ଘଟଣାର ୫ ଦିନ ପରେ ପୁଲିସ ଘଟଣାର ପର୍ଦ୍ଦାଫାସ୍ କରିଛି । ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଓ ତାଙ୍କ ସହଯୋଗୀଙ୍କୁ ପୁଲିସ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ କାତି ଜବତ କରିଛି । ଅନ୍ୟପଟେ ପୁଲିସ ଶୁକ୍ରବାର ସକାଳେ ଅଭିଯୁକ୍ତମାନଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ କରାଇଥିଲେ । ପରେ ପୁଲିସ ହତ୍ୟାରେ ବ୍ୟବହୃତ କାତିକୁ ଅଭିଯୁକ୍ତ ଘର ପଛପଟେ ଥିବା ଏକ ବାଲିଗଦାରୁ ଜବତ କରିଥିଲା । ଗିରଫ ଅଭିଯୁକ୍ତ ହେଲେ ପଞ୍ଚମା ଗ୍ରାମର ଘନ ପ୍ରଧାନ (୪୫) ଓ ତାଙ୍କ ଭାଇବୋହୂ ପଙ୍କଜା ପ୍ରଧାନ (୩୨) ବୋଲି ଥାନା ଅଧିକାରୀ ଟୁନା ସାସମଲ ସୂଚନା ଦେଇଛନ୍ତି । ପୁଲିସ ତଦନ୍ତବେଳେ ଘନ ସମ୍ପର୍କରେ ଜାଣିବାକୁ ପାଇଥିଲା । ତେଣୁ ତାଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ଜେରା କରିବା ପରେ ସେ ସବୁକଥା ଓଗାଳିଥିଲା ।

ପୁଲିସ ସୂଚନା ଅନୁସାରେ, ଘନ କିଛିବର୍ଷ ତଳେ ଗୁଜୁରାଟର ଏକ କମ୍ପାନୀରେ ହୀରା କାମ କରୁଥିବାବେଳେ ଗାଁକୁ ବେଳେବେଳେ ଯିବାଆସିବା କରେ । ଗତ ୭ବର୍ଷ ପୂର୍ବେ ଘନଙ୍କ ପତ୍ନୀଙ୍କ ଦେହ ଅସୁସ୍ଥ ହେବାରୁ ମୃତ ଏକାଦଶୀଙ୍କ ନିକଟକୁ ଯାଇ ଝଡ଼ାଫୁଙ୍କା କରିଥିଲେ । ଏଥିସହ ପୂଜାପାଠ ପାଇଁ ମୋଟା ଅଙ୍କର ଟଙ୍କା ମଧ ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ଘଟିଥିଲା । ସେହିପରି କିଛିଦିନ ପରେ ଘନଙ୍କ ମା' ଏବଂ ନାତି ଅସୁସ୍ଥ ହେବାରୁ ଏକାଦଶୀ ନିକଟକୁ ଯାଇ ଟଙ୍କାଦେଇ ପୂଜାପାଠ କରିଥିଲେ । ଶେଷରେ ମା' ଓ ନାତି ମଧ ମୃତ୍ୟୁବରଣ କରିଥିଲେ । କିଛିଦିନ ତଳେ ଏକାଦଶୀ ଘନ ପାଳିଥିବା କିଛି ଗାଇ ମଧ୍ୟରୁ ଗୋଟାଏ ମାଗିଥିଲେ । ଏଥିରେ ଘନ ରାଜି ହୋଇନଥିଲେ । ଏନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏକମାସ ମଧ୍ୟରେ ଘନ ରଖିଥିବା ପାଞ୍ଚଟି ଗାଇ ମଧ ମରିଯାଇଥିଲେ । ତେଣୁ ଏକାଦଶୀ ଗୁଣିକରି ମାରିଥିବା ସନ୍ଦେହ କରି ପ୍ରତିଶୋଧ ନେବାକୁ ସ୍ଥିର କରିଥିଲା ଅଭିଯୁକ୍ତ ଘନ । ଗତ ୬ ମାସ ପୂର୍ବେ ଗ୍ରାମଦେବତୀ ପୀଠରେ ଏକାଦଶୀଙ୍କୁ ହତ୍ୟା କରିବାକୁ ପ୍ରତିଜ୍ଞା କରିଥିଲେ । ଏନେଇ ସୁଯୋଗର ଅପେକ୍ଷାରେ ଥିଲେ ।

**କ୍ରାଇମ ସିନ୍ ରିକ୍ରିଏସନ କଲା ପୁଲିସ**

ଗତ ୧୨ ତାରିଖରେ ଏକାଦଶୀଙ୍କ ପାନବଗିଚା ନିକଟରେ କାମ କରୁଥିବା ଶ୍ରମିକମାନେ ରଣ୍ଡା ଛକରେ ବୁଲୁଥିବା ଦେଖି ଏହା ହିଁ ଏକାଦଶୀଙ୍କୁ ହତ୍ୟା ପାଇଁ ଉତ୍ତମ ସମୟ ଭାବିଥିଲା । ତେଣୁ ଘରକୁ ଆସି ନିଜ ଭାଇବୋହୂ ପଙ୍କଜାକୁ ଡ଼ାକି ଏକ କାତି ଧରି ପାନ ବଗିଚା ନିକଟରେ ଉଭୟ ଛକି ରହିଥିଲେ । ଏକାଦଶୀ ଦିନ ସାଢେ ୨ଟାବେଳେ ସେଠାରେ ପହଞ୍ଚିବା ମାତ୍ରେ ତାଙ୍କୁ କାତିରେ ହାଣି ହତ୍ୟା କରି ଫେରାର ହୋଇଯାଇଥିଲେ । ଶୁକ୍ରବାର ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।

## ଲଗ୍ନା ଓ ନନ୍ଦିନୀଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

ପୋଲସରା, ୧୭ ।୪(ସମିସ): ପୋଲସରା ବ୍ଲକ ଖୁମୁଲା ଗ୍ରାମର ଦୁରାରୋଗରେ ପୀଡ଼ିତ ସ୍ୱାମୀ ବିକ୍ରମ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଶାନ୍ତି ପ୍ରଧାନ ଏକାସାଙ୍ଗରେ ଆରପାରିକୁ ଚାଲିଗଲେ । ବାପା ମା'ଙ୍କୁ ହରାଇ ଦୁଇ ଭଉଣୀ ଅନାଥ ହୋଇଥିବା ନେଇ ଗୁରୁବାର ବିଭିନ୍ନ ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ସହାୟତାର ହାତ ବଢ଼ାଇଛି । ପୋଲସରା ବ୍ଲକ ଉନ୍ନୟନ ଅଧିକାରୀ ଶଶିଭୁଷଣ ମହାପାତ୍ର ଘଟଣାର ସତ୍ୟାସତ୍ୟ ଅନୁଧାନ କରିଥିଲେ । ଏହି ପରିବାରକୁ ଯଥାସମ୍ଭବ ସହାୟତା କରିବା ସହ ହରିଶ୍ଚନ୍ଦ୍ର ଯୋଜନାରେ ଅନ୍ତର୍ଭୁକ୍ତ କରିଥିଲେ । ପରେ ବିଡ଼ିଓଙ୍କ ନିର୍ଦ୍ଦେଶ କ୍ରମେ ଗୋଛାବାଡି ସରପଞ୍ଚ ପ୍ରତିନିଧି ମନମୋହନ ଗୌଡ଼ ଖୁମୁଳା ଗ୍ରାମରେ ପହଞ୍ଚି ଥିଲେ ।



ସେଠାରେ ମୃତ ବିକ୍ରମଙ୍କ ବାପା ବିଶ୍ୱନାଥ ପ୍ରଧାନଙ୍କୁ ମୃତକ ହିସାବରେ ୩ ହଜାର ଲେଖାଏଁ ଦୁଇ ଜଣଙ୍କୁ ୬ ହଜାର ଟଙ୍କାର ଅର୍ଥ ପ୍ରଦାନ କରିଥିଲେ । ଏଥିସହ ଦୁଇ ଝିଅ ଲଗ୍ନା ଓ ନନ୍ଦିନୀର ପାଠ ପଢ଼ା ପାଇଁ ଯାହା ସହାୟତା ଓ ଆବଶ୍ୟକୀୟ ଜିନିଷ ଯୋଗାଇବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀ ପିଲା ଦୁଇଜଣଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ସରକାର ନିଅନ୍ତୁ ବୋଲି ଦାବି କରିଛନ୍ତି ।

### ● ସିବିଏସ୍ଇ ଦଶମ ପରୀକ୍ଷାରେ ସଫଳତା

## ନିଆରା ଢଙ୍ଗରେ ପାଳିଲା ୟୁରୋ ସ୍କୁଲ

ଛତ୍ରପୁର, ୧୭ ।୪(ସମିସ): ଛତ୍ରପୁର 'ଦି ନ୍ୟୁ ଏଜ୍ ୟୁରୋ ସ୍କୁଲ'ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ନେଇ ନିଆରା ଢଙ୍ଗରେ ପାଳନ କରିଛି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ । ଚଳିତ ଦଶମ ଶ୍ରେଣୀ ସିବିଏସ୍ଇ ବୋର୍ଡ ପରୀକ୍ଷାରେ ୟୁରୋ ସ୍କୁଲ ପକ୍ଷରୁ ମୋଟ ୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୨୭ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏହାସହ ୯୦ ପ୍ରତିଶତରୁ ଅଧିକ ମାର୍କ ରଖି ୫ ଜଣ, ୮୦ ପ୍ରତିଶତରୁ ଅଧିକ ୧୦ ଜଣ, ୭୦ ପ୍ରତିଶତରୁ ଅଧିକ ୮ ଜଣ ଏବଂ ବାକି ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ମାର୍କ ରଖି ପାସ୍ ହୋଇଛନ୍ତି । ସଫଳତାକୁ ନେଇ ସ୍କୁଲ ପକ୍ଷରୁ ନିଆରାଢ଼ଙ୍ଗରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ରଞ୍ଜନ ମହପାତ୍ର, ମୁଖ୍ୟ ପୃଷ୍ଠପୋଷକ ସସ୍ମିତା ମହାପାତ୍ର, ପ୍ରିନ୍ସପାଲ ତପସ୍ୱିନୀ ସାହୁ, ଏକାଡେମୀ




ନିର୍ଦ୍ଦେଶକ ପ୍ରମୋଦ କୁମାର ମିଶ୍ର ପ୍ରଥମେ ଛାତ୍ରଛାତ୍ରୀଙ୍କୁ ମିଠା ଖୁଆଇବା ପରେ ଅଭିଭାବକ ଓ ଶିକ୍ଷକମାନଙ୍କ ମଧ୍ୟରେ ଖୁସି ଜାହିର କରିଥିଲେ । ପରେ କେକ୍ କାଟି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ସେମାନଙ୍କ ଅଭିଭାବକ ଓ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହ ସ୍କୁଲରେ ବିଗତ ବର୍ଷ ଠାରୁ ସିବିଏସ୍ଇ ସ୍ୱୀକୃତିପ୍ରାପ୍ତ ଦ୍ୱାଦଶ ଶ୍ରେଣୀ କାର୍ଯ୍ୟକ୍ଷମ ହୋଇଛି । ଉତ୍ତମ ଶିକ୍ଷକଙ୍କ ଦ୍ୱାରା ଦ୍ୱାଦଶ ପାଠ୍ୟକ୍ରମ ସହ ନିଟ ଓ ଜେଇ କୋଚିଂ ପ୍ରଦାନ କରାଯାଉଛି । ୨୦୨୪-୨୫ ଶିକ୍ଷାବର୍ଷରେ ପ୍ରଥମ ବ୍ୟାଚ୍ ଦଶମ ଶ୍ରେଣୀରେ ସ୍କୁଲର ଭଲ ଫଳାଫଳ ହୋଇଥିଲା । ୨୦୨୫-୨୬ରେ ମଧ ଫଳାଫଳ ଭଲ ହୋଇଛି । ୨୦୨୬-୨୭ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ସହ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଛାତ୍ରଛାତ୍ରୀମାନେ ଉତ୍ତମ ନମ୍ବର ରଖି ପାସ୍ ହେବେ ବୋଲି ଆମେ ଆଶାବାଦୀ ଅଛୁ ବୋଲି ସ୍କୁଲର ପୃଷ୍ଠପୋଷକ ସସ୍ମିତା ମହାପାତ୍ର କହିଛନ୍ତି ।

## ଜୋର୍‌ଜବରଦସ୍ତ ଜମି ଅଧିଗ୍ରହଣ ପ୍ରତିବାଦରେ ବାମପନ୍ଥୀ ଦଳର ବିକ୍ଷୋଭ

ବ୍ରହ୍ମପୁର, ୧୭ ।୪(ସମିସ): ଜୋରଜବରଦସ୍ତ ଜମିଅଧିଗ୍ରହଣ ଓ ପୁଲିସର ଦମନବିରୁଦ୍ଧରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମଏଲ), ସିପିଆଇ(ଏମଏଲ), ରେଡଷ୍ଟାର ସିପିଆଇ(ଏମଏଲ) ଏବଂ ନ୍ୟୁ ଡେମୋକ୍ରେସି ଭଳି ୪ବାମପନ୍ଥୀ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ସ୍ଥାନୀୟ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏନେଇ ବାମପନ୍ଥୀ ପାର୍ଟି ଗୁଡ଼ିକ ପକ୍ଷରୁ ଆରଡ଼ିସିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାର କମ୍ପାନୀ ସ୍ୱାର୍ଥରେ ଚଳାଇଥିବା ଜମି ଅଧିଗ୍ରହଣ ଓ ପୁଲିସର ଦମନଲୀଳା ବିରୁଦ୍ଧରେ ରାଜ୍ୟବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଉଛି । ଗଣତାନ୍ତ୍ରିକ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ଦମନ ତୁରନ୍ତ ବନ୍ଦ କରିବା, ସମସ୍ତ ଆନ୍ଦୋଳନକାରୀଙ୍କ ବିରୁଦ୍ଧରେ ଦାୟର ସମସ୍ତ ମିଥ୍ୟା ମାମଲା




ପ୍ରତ୍ୟାହାର କରି ଗିରଫ ବ୍ୟକ୍ତିଙ୍କୁ ଅବିଳମ୍ବେ ମୁକ୍ତ କରିବା, ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବା, ୫ମ ଅନୁସୂଚୀ ଅଞ୍ଚଳରେ ଗ୍ରାମସଭାର ପୂର୍ବ, ସଚେତନ ଏବଂ ସମ୍ମତି ବିନା ଅନୁମୋଦିତ ସମସ୍ତ ପ୍ରକଳ୍ପକୁ ବାତିଲ କରିବା, ନିଜର ଜମି, ଜଙ୍ଗଲ ଓ ଜୀବିକାର ସୁରକ୍ଷା ପାଇଁ ଗଣତାନ୍ତ୍ରିକ ଭାବେ ସଂଘର୍ଷ କରୁଥିବା ଲୋକଙ୍କ ଉପରେ ପୁଲିସ ଦମନ ଓ ଅତ୍ୟାଚାର ବନ୍ଦ କରିବା ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରି ସ୍ମାରକ ପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଏସ୍ୟୁସିଆଇ(କମ୍ୟୁନିଷ୍ଟ) ତରଫରୁ ସୋମନାଥ ବେହେରା, ନିମାଇଁ ଚରଣ ସାହୁ, ସିପିଆଇ(ଏମଏଲ) ନ୍ୟୁ ଡେମୋକ୍ରେସି ତରଫରୁ ଭାଲ ଚନ୍ଦ୍ର ଷଡ଼ଙ୍ଗୀ, ସଂଗ୍ରାମ ନାୟକ, ସିପିଆଇ(ଏମଏଲ) ତରଫରୁ ଅବନୀ ଗୟା, ଗଗନଚନ୍ଦ୍ର ମଲ୍ଲିକ ସିପିଆଇ(ଏମଏଲ) ରେଡ଼ଷ୍ଟାର ତରଫରୁ ପି. ପାର୍ବତୀଙ୍କ ସମେତ ଲଡୁକିଶୋର ଡାକୁଆ, ପ୍ରକାଶ ଚନ୍ଦ୍ର ନାଏକ, ବାଞ୍ଛାନିଧି ନାଏକ, ମନୋଜ ତରାଇ, ପପୁନ ସାହୁ, କିଷାନ ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ଆହତ

ବ୍ରାହ୍ମଣୀଗାଁ, ୧୭।୪(ସମିସ): ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ନିକଟବର୍ତ୍ତି ମେରାମାହା ଛକ ନିକଟରେ ଆଜି ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଯୁବକ ଆହତ ହୋଇଛନ୍ତି । ପୋଲିକ ରଣସିଂ (୨୦) ଉଲିପଦର ଗ୍ରାମରୁ ଦିବ୍ୟ ରଣସିଂ (୧୯)ଙ୍କୁ ବାଇକ୍‌ରେ ପଛରେ ବସାଇ ଭାଇଙ୍କୁ ଭେଟିବା ପାଇଁ ଗଦାପୁର ଯାଉଥିଲେ । ମେରାମାହା ଛକ ଅତିକ୍ରମ କଲାପରେ ଚାଳକ ଭାରସାମ୍ୟ ହରାଇବାରୁ ବାଇକ୍ ଗଛରେ ପିଟି ହୋଇଯାଇଥିଲା । ସ୍ଥାନୀୟ ଲୋକଙ୍କ ଦ୍ୱାରା ଖବର ପାଇ ବ୍ରାହ୍ମଣୀଗାଁ ପୁଲିସ ଓ ୧୦୮ ଆମ୍ବୁଲାନ୍ସ ସେଠାରେ ପହଞ୍ଚିଥିଲେ । ୨ ଯୁବକଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୁଲିସ୍ ବାଇକକୁ ଜବତ କରି ଘଟଣାଟିର ତଦନ୍ତ କରୁଛି ।

## ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ସରଳ ଉପାୟ 'ମଧ୍ୟସ୍ଥତା'

ବ୍ରହ୍ମପୁର, ୧୭ ।୪(ସମିସ): ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ 'ବିବାଦ ସମାଧାନରେ ମଧ୍ୟସ୍ଥତାର ଭୂମିକା ଓ ଲାଭ' ଶୀର୍ଷକ ବିଷୟକୁ ନେଇ 'ମିଡିଏସନ୍ ଡ୍ରାଇଭ୍-୨.୦ ଅଭିଯାନ' ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅଭିଯାନରେ ଜନସାଧାରଣଙ୍କ ମଧ୍ୟରେ ମଧ୍ୟସ୍ଥତାର ଭୂମିକା ଓ ଏହାର ଉପକାରିତା ସମ୍ପର୍କରେ ବ୍ୟାପକ ପ୍ରଚାର ନେଇ ଗୁରୁତ୍ୱାରୋପ କରାଯାଉଛି । ଶାନ୍ତିପୂର୍ଣ୍ଣ ବିବାଦ ସମାଧାନର ଏକ ସରଳ ଉପାୟ ହେଉଛି ମଧ୍ୟସ୍ଥତା । ଏହି ମଧ୍ୟସ୍ଥତା ଦ୍ୱାରା ଶୀଘ୍ର ସମାଧାନ, କମ୍ ଖର୍ଚ୍ଚ, ଅତୁଟ ସମ୍ପର୍କ, ଗୁପ୍ତ ଓ ସ୍ୱ-ଇଚ୍ଛାମୂଳକ, ମନୋଭାବନାର ସମ୍ମାନ ପ୍ରାପ୍ତି ହୋଇଥାଏ । ପାରିବାରିକ ବିବାଦ, ବିବାହ ବିଚ୍ଛେଦ ସମ୍ପର୍କିତ ମାମଲା, ଜମି ଓ ସମ୍ପତ୍ତି ବିବାଦ, ଟଙ୍କା ନେଣଦେଣ ମାମଲା, ପଡୋଶୀ ବିବାଦ, ଛୋଟ ଦେଓଣା ଆଦି ମାମଲାର ସମାଧାନ ମଧ୍ୟସ୍ଥତା ଜରିଆରେ ହୋଇପାରିବ । ତେବେ ମଧ୍ୟସ୍ଥତା ପ୍ରକ୍ରିୟା ମଧ୍ୟରେ ଉଭୟ ପକ୍ଷର ସମ୍ମତି, ନିଷ୍ପକ୍ଷ ମଧ୍ୟସ୍ଥିଙ୍କ ନିଯୋଜନ, ଆଲୋଚନା ଓ ସମାଧାନ ପ୍ରସ୍ତାବ, ସମ୍ମତି ମାଧ୍ୟମରେ ଚୁକ୍ତି ରହିଛି । ମଧ୍ୟସ୍ଥତା ବାଛିବାର ମୂଳ ଉଦ୍ଦେଶ୍ୟ ହେଉଛି ଯେକୌଣସି ମାମଲାକୁ ଦାୟର ନକରି ସମାଧାନ କରିବା, ବିବାଦ ନୁହେଁ ବରଂ ସମ୍ମତି ଆବଶ୍ୟକ କରିବା ଏବଂ ଦ୍ୱେଷ-ଶାନ୍ତି ଆବଶ୍ୟକ କରିବା । ସାଧାରଣ ଜନତାଙ୍କ ବିବାଦକୁ ଏହି ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରି ଏହି ଅଭିଯାନକୁ ସଫଳ କରିବା ପାଇଁ ପ୍ରାଧିକରଣ ପକ୍ଷରୁ ନିବେଦନ କରିବା ସହ 'ମିଡିଏସନ୍ ଡ୍ରାଇଭ୍ ୨.୦" ମାଧ୍ୟମରେ ସମାଜରେ ସମ୍ମତି ଓ ସମନ୍ୱୟ ପରିବେଶ ସୃଷ୍ଟି ସମ୍ଭବପର ବୋଲି ଆଶା କରାଯାଇଛି ।

## ଜଗନ୍ନାଥ ଦାସଙ୍କ ଶ୍ରାଦ୍ଧବାର୍ଷିକୀ

ବ୍ରହ୍ମପୁର, ୧୭ ।୪(ସମିସ): ସ୍ଥାନୀୟ ନୂଆ ବାରାକ୍ସ ସାହି ସ୍ଥିତ ବସଭାବନରେ ଶୁକ୍ରବାର ବରିଷ୍ଠ ଫାର୍ମାସିଷ୍ଟ ତଥା ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ଦାସଙ୍କ ୨୪ତମ ଶ୍ରାଦ୍ଧବାର୍ଷିକୀ ଏବଂ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା । ଫାର୍ମାସୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶାରେ ପ୍ରଥମ ଏମ୍‌ଏଲ୍ ସ୍କ୍ରଫ ଜାତୀୟ ପୁରସ୍କାର ପାଇଥିବା ବେଳେ ତାଙ୍କ ଉଦ୍ୟମରେ ବ୍ରହ୍ମପୁର ଉପକଣ୍ଠ ମହୁଡାଠାରେ



ରାଜ୍ୟର ପ୍ରଥମ ଫର୍ମାସୀ କଲେଜ ପ୍ରତିଷ୍ଠା ହୋଇପାରିଥିଲା । ଓଡ଼ିଶା ଫାର୍ମାସୀ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୧ମସିହାରେ ତତ୍‌କାଳୀନ ରାଜ୍ୟପାଳ ସ୍ୱର୍ଗତ ଏମ. ଏମ. ରାଜେନ୍ଦ୍ରନ ସ୍ୱର୍ଗତ ଦାସଙ୍କୁ ସମ୍ମାନିତ କରିଥିବା ତାଙ୍କ ପୁତ୍ର ସାମ୍ବାଦିକ ପ୍ରଶାନ୍ତ କୁମାର ଦାସ କହିଥିଲେ । କାର୍ଯ୍ୟକ୍ରମରେ ପରିବାର ସଦସ୍ୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

## ଏମ୍‌କେସିଜିରେ ଛାତ୍ରଙ୍କ ଜଟିଳ ମସ୍ତିଷ୍କ ଅସ୍ତ୍ରୋପଚାର

ବ୍ରହ୍ମପୁର, ୧୭ ।୪(ସମିସ): ଏମକେସିଜି ମେଡ଼ିକାଲରେ ଜଣେ ଛାତ୍ରଙ୍କ ମସ୍ତିଷ୍କର ସଫଳ ଅସ୍ତ୍ରୋପଚାର ହୋଇଛି ।

ସୂଚନାଯୋଗ୍ୟ ଯେ, ଗଜପତି ଜିଲ୍ଲା ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ ରାଉଳପଡ଼ା ଗ୍ରାମର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ପୁଅ ବାଙ୍କେଶ୍ୱର ପ୍ରଧାନ (ଷଷ୍ଠଶ୍ରେଣୀ) ଗତମାସ ୨୬ତାରିଖରେ ସ୍କୁଲକୁ ଯାଉଥିବାବେଳେ ସାଇକଲରୁ ପଡ଼ି ଯାଇଥିଲେ । ତାଙ୍କ ମସ୍ତିଷ୍କର କିଛିଅଂଶ ବାହାରକୁ ବାହାରି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ଅଣାଯାଇଥିଲା । ମେଡ଼ିକାଲର ସ୍ନାୟୁଶଲ୍ୟ ବିଭାଗ ପକ୍ଷରୁ ଅସ୍ତ୍ରୋପଚାର କରାଯିବାପରେ ଶିଶୁଟିକୁ ଦୀର୍ଘ ୧୩ଦିନ ଧରି ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଇଥିଲା । ଆହତ ବାଙ୍କେଶ୍ୱର ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ତାଙ୍କୁ ଶୁକ୍ରବାର ମେଡ଼ିକାଲରୁ ଡିସ୍‌ଚାର୍ଜ କରାଯାଇଛି । ବିଭାଗୀୟ ମୁଖ୍ୟ ଡା. ରବିନାରାୟଣ ପଣ୍ଡା ନେତୃତ୍ୱରେ ଡା. ଦେବଦତ୍ତ ସେନାପତି, ଡା. ଦେବଶ୍ରୀ ମହାପାତ୍ର, ଡା. ତୁଷାର କାନ୍ତ ରଥ, ଡା. ପି. ହରିପ୍ରସାଦ ସାମିଲ ରହି ଶିଶୁଙ୍କ ସଫଳ ଅସ୍ତ୍ରୋପଚାର କରିଥିଲେ ।



## ଡକାୟତି ଉଦ୍ୟମ ପଣ୍ଡ; ୭ ଗିରଫ

ଆସିକା, ୧୭।୪(ସମିସ): ଆସିକା ଥାନା କଳିଙ୍ଗ ରୋଡ୍ ନିକଟରୁ ଡକାୟତ ଉଦ୍ୟମ ପାଇଁ ଯୋଜନା କରୁଥିବା ବେଳେ ପୁଲିସ ୭ ଜଣଙ୍କୁ ଗିରଫ କରିଛି । ସେଥିରେ ୫ ଜଣ ଆନ୍ତଃରାଜ୍ୟ ଲୁଟେରା ଓ ସ୍ଥାନୀୟ ଅଞ୍ଚଳର ୨ ଜଣ ଲୁଟେରା ଥିବା ପୁଲିସ କହିଛି । ଖବର ପାଇ ଆସିକା ଥାନା ଅଧିକାରୀ ସୁଧୀର ସାହୁ ଏବଂ ସୋମ୍ୟରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉବେଳେ ୟୁପି ଗାଜିଆବାଦ ଅଞ୍ଚଳର ଅଙ୍କିତ ଠାକୁର( ୨୮), ମନଫିଟ ଲାଖ (୩୨) ୟୁପି ଫରିଦାବାଦ ଅଞ୍ଚଳର ଅମନଦୀପ ଚନ୍ଦ୍ର (୨୬), ବିହାରର ଧର୍ମେନ୍ଦ୍ର କୁମାର, ଏମ୍‌ପିର ଏମ ଡି ସାନୁ, କବିସୂର୍ଯ୍ୟନଗର ଅଞ୍ଚଳର ସଞ୍ଜୟ ସାହୁ ଓ ଶେରଗଡ଼ ଅଞ୍ଚଳର ବାବୁ ବେହେରାଙ୍କୁ ଏକ ବଡ଼ ଧରଣର ଡକାୟତ କରିବାକୁ ପ୍ରସ୍ତୁତ ବେଳେ ପୁଲିସ ଗିରଫ କରିଥିଲା । ସେମାନଙ୍କଠାରୁ କଳା ରଙ୍ଗର ସ୍କର୍ପିଓ, ଡ଼ିଏଲ ୧୦ ସିୱାଇ ୩୨୪୪, ଏକ କାର (ଓଡି୦୫ଏଏମ ୫୬୨୭) ସମେତ ୩ ଗୋଟି ଲୁହାରଡ଼, ଗୋଟିଏ ଭୁଜାଲି, ୨ ଛୁରୀ, ୩ ଗୋଟି ଷ୍ଟିକ ଏବଂ ନଗଦ ୧୯ ହଜାର ଟଙ୍କା ଜବତ କରିଛି । ଆସିକା ଥାନାରେ ଏକ ମାମଲା (ନଂ.୧୭୪/୨୬) ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଆସିକା ଥାନା ପକ୍ଷରୁ ସୂଚନା ମିଳିଛି ।

### ● ଭଞ୍ଜନଗରରେ ସେକ୍ସ ରାକେଟ୍

## ଦଲାଲ୍ ସମେତ ୭ ଗିରଫ

ଭଞ୍ଜନଗର, ୧୭ ।୪(ସମିସ): ଭଞ୍ଜନଗର ଥାନା ଶଙ୍ଖସାହି ଅଞ୍ଚଳରୁ ସେକ୍ସ ରାକେଟ ଠାବ ହୋଇଛି । ଦେହଜୀବୀ ଓ ଦଲାଲଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଛି । ସମସ୍ତ ଅଭିଯୁକ୍ତ ଭଞ୍ଜନଗର ଥାନା ଅଞ୍ଚଳର । ଗିରଫ ଦେହଜୀବୀ ଜଣକ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡ଼ିଛି । କିଛିଦିନ ଧରି ସ୍ଥାନୀୟ ଶଙ୍ଖସାହି ଅଞ୍ଚଳରେ ଦେହବ୍ୟବସାୟ ଚାଲିଥିଲା । ଗୁରୁବାର ଭୋର୍‌ରେ ଖବର ପାଇ ଭଞ୍ଜନଗର ଥାନା ଏସ୍ଆଇ ସମୀର କୁମାର ସେଠୀ, ହାବିଲଦାର ଦିଲ୍ଲୀପ କୁମାର ରାଉତଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଅତର୍କିତ ଚଢ଼ଉ କରିଥିଲେ । ଦେହଜୀବୀଙ୍କ ସହ ମୋଟ ୭ ଜଣଙ୍କୁ ସମ୍ପୃକ୍ତ ଘର ଭିତରୁ ଗିରଫ କରାଯାଇଥିଲା । ଏହାସହ ମଦ ବୋତଲ, ସିଗାରେଟ, କିଛି ଆପତ୍ତି ଜନକ ସାମଗ୍ରୀ ଜବତ ହୋଇଥିଲା । ତଦନ୍ତରୁ ଜଣାପଡ଼ିଥିଲା, ଏହି ସେକ୍ସ ରାକେଟକୁ ଜଣେ କିନ୍ନର ଚଳାଉଥିଲା । ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି ପୁଲିସ ।

## ପ୍ରତୀକ୍ଷା ବିଦ୍ୟାଳୟ ଟପ୍ପର

ଗଞ୍ଜାମ, ୧୭ ।୪(ସମିସ): ଗଞ୍ଜାମ ବ୍ଲକ ସୁବଳୟା ପଞ୍ଚାୟତ ଶତ୍ରୁଶୋଳ ଗ୍ରାମଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ପଲାଇ ଚଳିତ ସିବିଏସ୍ଇ ପରୀକ୍ଷାରେ ୫୦୦ରୁ ୪୭୧ ମାର୍କ(୯୪.୨%) ରଖି ବ୍ଲକ ଟପ୍ପର ହୋଇଛନ୍ତି । ଟପ୍ପର ପ୍ରତୀକ୍ଷାଙ୍କ ଯାଆଁଳା ଭଉଣୀ ସେହି ସ୍କୁଲର ଛାତ୍ରୀ ସମୀକ୍ଷା ପଲାଇ ମଧ ଶତକଡ଼ା (୮୬.୨%) ୫୦୦ ମାର୍କରୁ ୪୩୧ ମାର୍କ ରଖିଛନ୍ତି । ଦୁଇ ଯାଆଁଳା ଭଉଣୀଙ୍କ ଏହି ସଫଳତା ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣି ଦେଇଛି । ପ୍ରତୀକ୍ଷା ଓ ସମୀକ୍ଷା ହେଉଛନ୍ତି କଣ୍ଟିଆଗଡ଼ ଗ୍ରାମର ବଟେଶ୍ୱର ମନ୍ଦିର ପରିଚାଳନା କମିଟି ସମ୍ପାଦକ ରଞ୍ଜିତ ପଲାଇ ଏବଂ ମିନତୀ ପଲାଇଙ୍କ ଝିଅ । ନିଜର ଏହି କଠିନ ପରିଶ୍ରମ, ବାପା ମା'ଙ୍କ ପ୍ରେରଣା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏହି ଶ୍ରେୟ ଦେଇଛନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।



### ଜିଲ୍ଲାସ୍ତରୀୟ ସିଏମ୍ କପ୍-୨୦୨୬

## ଡିପିଏସ୍ ଓ କ୍ଲୋରୋଫିଲ୍ ଦଳର ଚମତ୍କାର ପ୍ରଦର୍ଶନ

ବ୍ରହ୍ମପୁର, ୧୭ ।୪(ସମିସ)

ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ସିଏମ୍ କପ୍-୨୦୨୬ରେ ଆଜି ଫୁଟବଲ ଖେଳର ପ୍ରଥମ ମ୍ୟାଚ ସୋଡ଼କ ଟାଇଗର ବାଳକ ଓ ଡିପିଏସ ସ୍କୁଲ ବାଳକ ବର୍ଗ ମଧ୍ୟରେ ଖେଳା ଯାଇଥିଲା । ଡିପିଏସ ସ୍କୁଲ ମ୍ୟାଚକୁ (୩-୧) ଗୋଲ ବ୍ୟବଧାନରେ ବିଜୟ ହାସଲ କରିଥିଲା । ଦ୍ୱିତୀୟ ମ୍ୟାଚ ସେଣ୍ଟ ଜାଭିୟର ଆମ୍ବପୁଆ ଓ କ୍ଲୋରୋଫିଲ ସ୍କୁଲ ବାଳକ ମଧ୍ୟରେ ଖେଳାଯାଇଥିଲା । କ୍ଲୋରୋଫିଲ ସ୍କୁଲ ବାଳକ (୩-୦) ଗୋଲରେ ବିଜୟ



ହାସଲ କରିଛି । ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅତିଥି ଭାବେ ଜିଲ୍ଲା ଆଥଲେଟିକ ସେକ୍ରେଟାରୀ ପ୍ରମୋଦ ମହାରଣା ଏବଂ ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ଭି, ଭାବତୀ ରାଓ ଯୋଗ ଦେଇଥିଲେ । ଏଥିସହ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ତଥା ବରିଷ୍ଠ ଖେଳାଳି ଏଲ.କେ ରାଓ, ଡି. ଆପ୍ପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜି.ଏମ.ବାବୁ, ସୀତାରାମ ସାବତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ ଉପସ୍ଥିତ ଥିଲେ । ରେଫେରୀ ଭାବେ ବିଚିତ୍ର ଜେନା ସହଯୋଗୀ ରେଫେରୀ ଭାବେ ରଞ୍ଜିତ ପାତ୍ର, ରମେଶ ଚନ୍ଦ୍ର ବେହେରା, ପି. ରମେଶ ଏବଂ ମ୍ୟାଚ କମିସନର ସୁଜିତ କୁମାର ପାତ୍ର ଦାୟିତ୍ୱ ତୁଲାଇଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି ।

## ବିଦ୍ୟାଳୟ ଗେଟ୍ ପିଲର ପଡ଼ି ୨ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ଠିକାଦାରଙ୍କ ନାମରେ ମାମଲା, ପ୍ରଧାନଶିକ୍ଷକ ନିଲମ୍ବିତ

- ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଘଟଣାସ୍ଥଳ ପରିଦର୍ଶନ
- ଅନ୍ତେବାସୀ ଖଟ ବଦଳରେ ପଟାରେ ଶୋଉଥିବା ଦେଖି କ୍ଷୁବ୍ଧ



ପାରଳାଖେମୁଣ୍ଡି/ନୂଆଗଡ,୧୭ ।୪(ସମିସ)

ନୂଆଗଡ ବ୍ଲକ ଆର୍.ଉଦୟଗିରି ଥାନା ରୁବୁଡ଼ିସିଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ବୁଧବାର ଦିନ ବିଦ୍ୟାଳୟ ଫାଟକ ଇଟା ପିଲର ପଡ଼ି ୨ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଅଧ୍ୟକ୍ଷା ଘଟଣାର ନିନ୍ଦା କରିବା ସହ ଏଥିରେ ଯିଏ ବି ଦୋଷୀ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହା ସହ ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିଛନ୍ତି। ଜିଲ୍ଲାରେ ଏଭଳି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ବିଦ୍ୟାଳୟର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଏହି ଅଘଟଣ ପାଇଁ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାରଙ୍କ ଅବହେଳାକୁ ଦାୟୀ କରିଛନ୍ତି। ରୁବୁଡିସିଂ ବିଦ୍ୟାଳୟରେ ଏହି ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ସେତୋ ରାଇକାଙ୍କୁ ନିଲମ୍ବିତ କରିଛି ଜିଲ୍ଲା ପ୍ରଶାସନ। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଠିକାଦାର ପ୍ରମିଳା ପୂଜାରୀଙ୍କ ବିରୋଧରେ ଆର୍. ଉଦୟଗିରି ଥାନାରେ ମାମଲା ରୁଜୁ କରାଯାଇଛି। ଏନେଇ ଶ୍ରୀମତୀ ପାତ୍ର ଆର୍. ଉଦୟଗିରିରେ ସମୀକ୍ଷା ବୈଠକ ମଧ୍ୟ କରିଥିଲେ। ସମୀକ୍ଷା ବୈଠକ ପରେ ଘଟଣାକୁ ନେଇ ଆୟୋଗ ପକ୍ଷରୁ ସୋମୋଟ୍ କଗ୍ନିଜେନ୍ସ ୭ ଦିନ ମଧ୍ୟରେ ଜବାବ ତଲବ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ଡିଇଓଙ୍କୁ ଜିଲ୍ଲାରେ ଯେତେ ସବୁ ବିଦ୍ୟାଳୟ ରହିଛି ତାର ଭିତ୍ତିଭୂମିର ସର୍ଭେ କରି ବିପଦସଂକୁଳ ଅବସ୍ଥାରେ ରହିଥିବା ଭିତ୍ତିଭୂମି ଚିହ୍ନଟ କରି ରିପୋର୍ଟ ଦେବାକୁ ତାଗିଦ କରିଛନ୍ତି।

ସେହିପରି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ଗଜପତି ଗସ୍ତ ସମୟରେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଥିଲେ। ଅନ୍ତେବାସୀଙ୍କ ଲାଗି ଆସିଥିବା ସରକାରୀ ବଜେଟରେ ଅନିୟମିତତା ହୋଇଥିବା ଦେଖିଥିଲେ। ବିଶେଷ କରି ଅନ୍ତେବାସୀଙ୍କ ଲାଗି ଶଯ୍ୟା କ୍ରୟ କରାଯାଇନାହିଁ। କିନ୍ତୁ ବଜେଟରେ କ୍ରୟ କରାଯାଇଥିବାର ଦର୍ଶାଯାଇଛି। ଏପରି ସ୍ଥିତିରେ ଅନ୍ତେବାସୀମାନେ ପଟା ଉପରେ ଶୋଉଥିବା ଜାଣିବାକୁ ପାଇଥିଲେ। ଯାହାକୁ ଦେଖି କର୍ତ୍ତୃପକ୍ଷଙ୍କ ଉପରେ ବିଗିଡିଥିଲେ ଏବଂ ଏନେଇ କାରଣଦର୍ଶାଅ ନୋଟିସ୍ ୭ ଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ସରକାର ପୋଷଣ-୨ କାର୍ଯ୍ୟକ୍ରମ ଅନ୍ତର୍ଗତ ପିଲାଙ୍କ ଲାଗି ବହୁ ଅନୁଦାନ ଦେଉଛନ୍ତି। ପିଲାମାନେ କିଭଳି ପୁଷ୍ଟିକର ଖାଦ୍ୟ ପାଇପାରିବେ ସେନେଇ ସମସ୍ତ ଉଦ୍ୟମ କରୁଛନ୍ତି। ଯଦି ଏଥିରେ ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଅଧିକାରୀ ବ୍ୟାପକ ଅବହେଳା କରନ୍ତି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମତୀ ପାତ୍ର କହିଛନ୍ତି। ଆଜି କେତେକ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ ସମୟରେ ୧୨ପିଲାଙ୍କ ମଧ୍ୟରେ କେବଳ ୪ ପିଲା କେନ୍ଦ୍ରକୁ ଆସୁଥିବାର ଦେଖିଥିଲେ। ଏପରି କ୍ଷେତ୍ରରେ ଯେଉଁମାନେ ଦାୟିତ୍ୱରେ ରହି ଅବହେଳା କରୁଛନ୍ତି ସେମାନଙ୍କୁ ସହ୍ୟ କରାଯିବ ନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ତାଗିଦ କରାଯିବ ବୋଲି କହିଛନ୍ତି। ପ୍ରତ୍ୟେକ ପିଲାର ସୁରକ୍ଷା ଦାୟିତ୍ୱ କେବଳ ସରକାରଙ୍କ ନୁହେଁ ତାର ସୁରକ୍ଷାର ଉତ୍ତର ଦାୟିତ୍ୱ ପ୍ରଶାସନ ଓ ଅଧିକାରୀଙ୍କ ମଧ୍ୟ ରହିଛି। ଏହି କାରଣରୁ କର୍ତ୍ତବ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ଦୃଷ୍ଟି ଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

## ● ହାତୀଙ୍କ ପାଇଁ ଅଭିଶପ୍ତ ବେଲଘର

# ପୁଣି ଏକ ଦନ୍ତାର ମୃତ୍ୟୁ



ବାଲିଗୁଡ଼ା,୧୭।୪(ସମିସ): ବହୁଚର୍ଚ୍ଚିତ ବେଲଘର ହାତୀମୃତ୍ୟୁ ଘଟଣା ମାମଲା ଥମି ନଥିବାବେଳେ ପୁଣି ଝିରପାଣି ଅଞ୍ଚଳରେ ଏକ ଦନ୍ତାହାତୀର ମୃତ୍ୟୁ ଖବର ସାମନାକୁ ଆସିଛି। ଗତ ଡିସେମ୍ବର ମାସରେ ବେଲଘର ଅଞ୍ଚଳରେ ଏକ ଦନ୍ତାହାତୀର ମୃତଶରୀର ସହ ସେଲଫି ପାଇଁ ଲୋକଙ୍କ ଭିଡ଼ ଜମିଥିବା ଖବର ମିଳିଥିଲା। ଏହି ଘଟଣା ମାସେ ନପୁରୁଣୁ ଏକ ହାତୀକୁ ୩୨ ଖଣ୍ଡ କରି ପୋତି ଥିବା ଖବର ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଏହି ମାମଲା ଥଣ୍ଡା ହୋଇନଥିବା ବେଳେ ପୁଣି ଝିରପାଣି ଅଞ୍ଚଳରେ ଆଉ ଏକ ହାତୀର ମୃତ୍ୟୁ ହୋଇଥିବା ଜଣାଯାଇଛି। କେଉଁ ପରିସ୍ଥିତିରେ ହାତୀର ମୃତ୍ୟୁ ହୋଇଛି ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ଥିବା ବେଳେ ବନଖଣ୍ଡ ଅଧିକାରୀ ଏହାର ତଦନ୍ତ କରୁଥିବା ଜଣାପଡିଛି। ୪ ମାସ ଭିତରେ ବେଲଘର ଅଞ୍ଚଳରେ ୩ ହାତୀର ମୃତ୍ୟୁ ହୋଇଥିବାରୁ ହାତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। ହାତୀଙ୍କ ପାଇଁ ବେଲଘର ବନାଞ୍ଚଳ ଅଭିଶପ୍ତ ପାଲଟିଥିବା ସାଧାରଣରେ ଆଲୋଚନା ହେଉଛି।

## ବିଶ୍ୱ ହିମୋଫିଲିଆ ଦିବସ ପାଳନରେ ସଚେତନତା

ପାରଳାଖେମୁଣ୍ଡି,୧୭ ।୪(ସମିସ): ବିଶ୍ୱ ହିମୋଫିଲିଆ ଦିବସ ଅବସରରେ ଗୋଷାଣି ବ୍ଲକ ସାତମାଇଲ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ସ୍କୁଲ୍ ଅଫ୍ ନର୍ସିଂ ଦ୍ୱାରା ଆୟୋଜିତ ହୋଇଥିଲା। ହିମୋଫିଲିଆ ନାମକ ଏକ ରକ୍ତସ୍ରାବ ରୋଗ ସମ୍ପର୍କରେ ସଚେତନତା କରିବା ଉଦ୍ଦେଶ୍ୟ ରହିଥିଲା। କାର୍ଯ୍ୟକ୍ରମକୁ ଛାତ୍ର ସମନ୍ୱୟକାରୀ ସ୍ଥିତିପ୍ରଜ୍ଞାନ ଜେନା ଓ ସତ୍ୟବାନ ଗୌଡ଼ ପରିଚାଳନା କରିଥିଲେ। ଫ୍ୟାକଲ୍ଟି ସମନ୍ୱୟକାରୀ ଟି. ସୁନିତା ଓ ପି. ବେବି ରାଣୀଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାମୂଳକ ଓ ଆନ୍ତର୍କ୍ରିୟାତ୍ମକ କାର୍ଯ୍ୟକଳାପ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ହିମୋଫିଲିଆର କାରଣ, ଲକ୍ଷଣ, ପ୍ରତିରୋଧ ଓ ପରିଚର୍ଯ୍ୟା ବିଷୟରେ ଆଲୋଚନା କରିଥିଲେ। ଏହାରେ ଆଗୁଆ ଚିହ୍ନଟ ଓ ସଠିକ୍ ଚିକିତ୍ସାର ଗୁରୁତ୍ୱ ଉପରେ ଜୋର ଦିଆଯାଇଥିଲା। ଏହାସହିତ, ପୋଷ୍ଟର ପ୍ରଦର୍ଶନ ମାଧ୍ୟମରେ ହିମୋଫିଲିଆ ସମ୍ପର୍କିତ ତଥ୍ୟଗୁଡ଼ିକୁ ଆକର୍ଷଣୀୟ ଭାବରେ ପ୍ରଦର୍ଶନ କରାଯାଇଥିଲା। ଡେମୋନଷ୍ଟ୍ରେସନ ମାଧ୍ୟମରେ ଜଟିଳ ଚିକିତ୍ସା ସମ୍ପର୍କିତ ବିଷୟଗୁଡ଼ିକୁ ସରଳ ଭାବରେ ବୁଝାଯାଇଥିଲା। ଛାତ୍ରଛାତ୍ରୀ ଏକକ ନାଟକ ପ୍ରଦର୍ଶନ କରିଥିଲେ।।

## ସୁନୀଲକାନ୍ତ ମହାନ୍ତି ଭାରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ



ପାରଳାଖେମୁଣ୍ଡି,୧୭ ।୪(ସମିସ): ଗଜପତି ଜିଲ୍ଲାର ଭାରପ୍ରାପ୍ତ ଏସ୍‌ପି ଭାବେ ଅତିରିକ୍ତ ଏସ୍‌ପି ସୁନୀଲକାନ୍ତ ମହାନ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆଜି ଦାୟିତ୍ୱରେ ଥିବା ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ମାସରେ ଗଜପତି ଏସ୍‌ପି ଯତୀନ୍ଦ୍ର କୁମାର ପଣ୍ଡାଙ୍କ ଅବସର ପରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କୁ ଗଜପତି ଦାୟିତ୍ୱ ଦିଆଯାଇଥିଲା। ପଶ୍ଚିମବଙ୍ଗରେ ହେଉଥିବା ସାଧାରଣ ନିର୍ବାଚନରେ ଡ. ସର୍ବଣା ବିବେକ ଏମ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବାରୁ ଏହି ପଦରେ ଅତିରିକ୍ତ ଏସ୍‌ପି ଶ୍ରୀ ମହାନ୍ତି ଆଜିଠାରୁ ଏସ୍‌ପି ଭାବେ ଦାୟିତ୍ୱ ତୁଲାଇବେ।

## ମହିଳାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି,୧୭ ।୪(ସମିସ): ଗାଇଗୋରୁଙ୍କୁ ବିଲରୁ ଘଉଡ଼ାଇବା ଭଳି ଏକ ସାମାନ୍ୟ ଘଟଣାକୁ ନେଇ ମହିଳାଙ୍କୁ ଅସଦାଚରଣ ତଥା ଆକ୍ରମଣ ମାମଲାର ଶୁଣାଣି କରି ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରା ଜଜ୍ (ମହିଳା ଅଦାଲତ) ରଶ୍ମିତା ସାହୁ ରାୟଗଡ ଥାନା ଜଲାଙ୍ଗ ଗ୍ରାମର ସୁରେଶ କୁମାର ଭୂୟାଁ (୪୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୫ଶହ ଟଙ୍କା ଜରିମାନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ମାମଲାର ଅନ୍ୟଜଣେ ଅଭିଯୁକ୍ତ ରମେଶ କୁମାର ଭୂୟାଁଙ୍କ ମୃତ୍ୟୁ ହୋଇଯାଇଥିବାରୁ ମାମଲା କେବଳ ସୁରେଶଙ୍କ ବିରୁଦ୍ଧରେ ଚାଲୁରହିଥିଲା। ଉକ୍ତ ମାମଲାରେ ସରକାରଙ୍କ ପକ୍ଷରୁ ଏପିପି ସୌମ୍ୟ ସୌରଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ କେ. ସନମୁଖ ରାଓ ସହଯୋଗ କରିଥିବା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି। ରାୟଗଡ ଥାନା ଜଲାଙ୍ଗ ଗ୍ରାମର ଚଞ୍ଚଳା ଭୂୟାଁ ୨୦୨୦ ମାର୍ଚ୍ଚ ୨୨ରେ ବିଲ ଜଗିବାକୁ ଯାଇଥିଲେ। ଘରକୁ ଆସି ଖାଇବା ଧରି ପୁଣି ବିଲକୁ ବାହାରିଥିବାବେଳେ ରମେଶ ଓ ସୁରେଶ ତାଙ୍କୁ ଗାଇଗୋରୁଙ୍କୁ କାହିଁକି ବାଡ଼େଇଲୁ ବୋଲି କହି ଗାଳିଗୁଲଜ କରିଥିଲେ। ଧାନ ଖାଇବାରୁ ଘଉଡାଇଲି ବୋଲି ଚଞ୍ଚଳା କହିବା ସତ୍ତ୍ୱେ ତାଙ୍କୁ ଘୋଷାଡି ନେଇ ଅସଦାଚରଣ କରିବା ସହ ମାଡ଼ ମାରି ଲହୁଲୁହାଣ କରିଥିଲେ ରମେଶ ଓ ସୁରେଶ। ଏନେଇ ରାୟଗଡ଼ ଥାନାରେ ଅଭିଯୋଗ କରିଥିଲେ ଚଞ୍ଚଳା। ୧୦ଜଣ ସାକ୍ଷୀଙ୍କ ବୟାନ ତଥା ଦସ୍ତାବିଜକୁ ଭିତ୍ତି କରି ଆଜି ବିଚାରପତି ଏହି ରାୟ ଶୁଣାଇଛନ୍ତି।

## ■ ତାତିରୁ ମିଳିଲା ତ୍ରାହି

# କାଳବୈଶାଖୀ; ଗଛ ପଡ଼ି ରାସ୍ତା ଅବରୋଧ

ରାୟଗଡ଼,୧୭।୪(ସମିସ): ରାୟଗଡ଼ ବ୍ଲକରେ ପ୍ରବଳ ଗ୍ରୀଷ୍ମପ୍ରବାହ ସହ ଅଘୋଷିତ ବିଦ୍ୟୁତ୍ କାଟରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବର୍ଷା ହୋଇଛି। ଫଳରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲେ ବି ଅନେକ ସ୍ଥାନରେ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। କଇଠପଦର ଛକ ନିକଟରେ ଏକ



ବିରାଟକାୟ ଗଛ ଉପୁଡ଼ି ଜାତୀୟ ରାଜପଥ ୩୨୬(ଇ) ଉପରେ ପଡ଼ିବାରୁ ରାସ୍ତା ଅବରୋଧ ହୋଇଛି। ମୋହନା ଓ ପାରଳାଖେମୁଣ୍ଡିକୁ ସଂଯୋଗ କରୁଥିବା ଏହି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଛି। ଗଛ ପଡ଼ିବା ଯୋଗୁ ବିଦ୍ୟୁତ୍ ତାର ମଧ୍ୟ ଛିଣ୍ଡି ଯାଇଥିବା ସୂଚନା ମିଳିଛି। ସମ୍ପୂର୍ଣ୍ଣ ଅଞ୍ଚଳ ଅନ୍ଧାରରେ ରହିଥିଲା। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିବା ଆରମ୍ଭ କରିଛନ୍ତି।

## ମହିଳାଙ୍କୁ ଗ୍ରାଇଣ୍ଡର ପ୍ରଦାନ



ଜି.ଉଦୟଗିରି,୧୭।୪(ସମିସ): ଜି.ଉଦୟଗିରି ପଦାସାହି ଶ୍ରୀରାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ କଚେରୀସାହିର ସବିତା ପାଢ଼ୀ(୫୦)ଙ୍କୁ ସ୍ୱାବଲମ୍ବୀ କରିବାକୁ ଗ୍ରାଇଣ୍ଡାର ପ୍ରଦାନ କରାଯାଇଛି। ବାହାଘରର ଦୁଇ ବର୍ଷ ପରେ ତାଙ୍କ ସ୍ୱାମୀଙ୍କ ପରଲୋକ ଘଟିଥିଲା। ୩ ମାସର ଶିଶୁ ପୁତ୍ରକୁ ଧରି ବାପଘରେ ରହୁଛନ୍ତି। ତାଙ୍କର ଏହି ଅସୁବିଧାକୁ ଲକ୍ଷ୍ୟ କରି ଶ୍ରୀରାମ ମନ୍ଦିର ପରିଚାଳନା କମିଟି ମୁଖ୍ୟ ଅନୀଲ କୁମାର ପଟ୍ଟନାୟକ ପ୍ରଚେଷ୍ଟାରେ ଭୁବନେଶ୍ୱର ରୋଟାରି କ୍ଲବ ସଦସ୍ୟ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଦେଇଥିବା ଗ୍ରାଇଣ୍ଡରକୁ ଆଜି କମିଟି ସଦସ୍ୟ ଏବଂ ପ୍ରେସକ୍ଲବ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପସଭାପତି ତଥା ସାମ୍ବାଦିକ ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ କୁମାର ପ୍ରଧାନ, ସଭ୍ୟ ଭଗବତ ଆର୍ଜେଲି, ଦୀପକ ଦଳବେହେରା, ଲଡୁକିଶୋର ସାହୁ, ପ୍ରେସ କ୍ଲବ ସଭାପତି ରାମକୃଷ୍ଣ ଚୌଧୁରୀ, ସମ୍ପାଦକ ଅନିଲ ଦଳବେହେରା ଓ ସାମ୍ବାଦିକ ବଟକୃଷ୍ଣ ଦାଶ ଉପସ୍ଥିତ ଥିଲେ।

# 'ଆଧୁନିକ ଓଡ଼ିଶାର ମୂଳଦୁଆ ପକାଇଥିଲେ ବିଜୁବାବୁ'





ପାରଳାଖେମୁଣ୍ଡି,୧୭ ।୪(ସମିସ): ପ୍ରବାଦ ପୁରୁଷ, ମହାନ ଜନନାୟକ, ଝଡର ଇଗଲ, ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାରଳାଖେମୁଣ୍ଡିରେ ପାଳିତ ହୋଇଯାଇଛି। ପ୍ରଥମେ ମହେନ୍ଦ୍ରତାନୟା ନଦୀ ତୁଠରେ ଦଳୀୟ ନେତା ଓ କର୍ମୀ ତିଳତର୍ପଣ କାର୍ଯ୍ୟ ସମ୍ପନ୍ନ କରି ପୁଷ୍ପ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରେ ହାଇସ୍କୁଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହା ସହ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ସ୍ମୃତିଚାରଣ ସଭା ହୋଇଥିଲେ। ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ସଂଯୁକ୍ତା ବେହେରା ଓଡ଼ିଶା ବିକାଶ ତଥା ଆଧୁନିକ ଓଡ଼ିଶା ବିକାଶର ମୂଳଦୁଆ ପକାଇଥିବା ସ୍ୱର୍ଗତ ବିଜୁବାବୁଙ୍କ ଅତୁଳନୀୟ ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ। ଗଜପତି ଜିଲ୍ଲା ଗଠନରେ ବିଜୁବାବୁଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ଯୁବ ବିଜେଡି ସଭାପତି ଲେଙ୍କା ସିମାଦ୍ରୀ, ଛାତ୍ର ବିଜେଡି ସଭାପତି ବିଶ୍ୱଜିତ ତ୍ରିପାଠୀ, କାଶୀନଗର ଉପାଧ୍ୟକ୍ଷା ରଘୁରାମ ସାହୁଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ



ଜି.ଉଦୟଗିରି,୧୭।୪(ସମିସ): ଜି.ଉଦୟଗିରି ଅଗ୍ନିଶମ ବିଭାଗ ତରଫରୁ ଏକ ନମ୍ବର ୱାର୍ଡ ସ୍ଥିତ ପେଟ୍ରୋଲ ଟାଙ୍କିରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ମକଡ୍ରିଲ ଅନୁଷ୍ଠିତ ହେବା ସହ ନିଆଁ ଲାଗିଲେ କିପରି ତାକୁ ଆୟତ୍ତ କରାଯିବ ତାହା ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ସେକ୍ସନ ଅଧିକାରୀ ମହେଶ୍ୱର ପ୍ରଧାନ, ଫାୟାର ଫାଇଟର ଶିବରାମ ବିଶ୍ୱାଳ, ସନ୍ତୋଷ କୁମାର ଦାଶ, ହାବିଲଦାର ପି.ସାହୁ, ଫାୟାର ଫାଇଟର ସବୀର ବେହେରା, ସୂର୍ଯ୍ୟନାରାୟ ବେହେରା, ସଞ୍ଜୟ କୁମାର ଦାଶ ଓ ରାମଚନ୍ଦ୍ର ଗୌଡ଼ ଏଥିରେ ଅଂଶଗ୍ରହଣ କରିଥିଲେ।



କାଶୀନଗର: କାଶୀନଗର ବ୍ଲକ୍ ଓ ଏନ୍‌ଏସିର ବିଭିନ୍ନ ଅଞ୍ଚଳରେ କାଶୀନଗର ଅଗ୍ନିବିଭାଗ ପକ୍ଷରୁ ନିଆଁ ପ୍ରତି ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହକାରୀ ଅଗ୍ନି ବିଭାଗ ଅଧିକାରୀ ଧୀରେନ୍ଦ୍ର କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ପ୍ରମୁଖ ଅଗ୍ନି ନିର୍ବାପକ କୈଳାଶ ଚନ୍ଦ୍ର ଗୋମାଙ୍ଗଙ୍କ ନେତୃତ୍ୱରେ ଅଞ୍ଚଳର ଜନସାଧାରଣଙ୍କୁ ଅଗ୍ନି ସୁରକ୍ଷା ନେଇ ସଚେତନତା କରାଯାଉଛି। କାର୍ଯ୍ୟକ୍ରମରେ ଅଗ୍ନି ନିର୍ବାପକ ଯଦୁମଣି ବେହେରା, କୈଳାଶ ବେହେରା ଓ ଅଗ୍ନିଶମ କର୍ମଚାରୀଙ୍କ ଉପସ୍ଥିତିରେ କାଶୀନଗର ମୁଖ୍ୟ ଜଣଗୋହଲି ଅଞ୍ଚଳ ଓ ସରକାରୀ କାର୍ଯ୍ୟାଳୟ ସ୍ଥିତ ବିଭିନ୍ନ ସ୍ଥାନରେ ସଚେତନତା। କାର୍ଯ୍ୟକ୍ରମ ହୋଇଥିଲା। ଏପ୍ରିଲ ୧୪ ରୁ ୨୦ତାରିଖ ଯାଏଁ ଏହି ସଚେତନ କାର୍ଯ୍ୟକ୍ରମ ହେବା ସହ ମୋକଡ୍ରିଲ୍ ଦ୍ୱାରା ବି ସଚେତନତା କରାଯାଉଥିବା ନେଇ ପ୍ରମୁଖ ଅଗ୍ନି ନିର୍ବାପକ ସୂଚନା ଦେଇଛନ୍ତି।

# ବଳପୂର୍ବକ ଜମି ଅଧିଗ୍ରହଣ ଓ ପୁଲିସ ଦମନ ପ୍ରତିବାଦରେ ବାମପନ୍ଥୀ ଦଳର ବିକ୍ଷୋଭ




ପାରଳାଖେମୁଣ୍ଡି,୧୭ ।୪(ସମିସ): ସିଜିମାଳି ପର୍ବତ ଅଞ୍ଚଳରେ ଜମି ଅଧିଗ୍ରହଣକୁ ବିରୋଧ କରୁଥିବା ସାଧାରଣ ଲୋକଙ୍କ ଉପରେ ପୁଲିସର ଦମନ ଓ ଅତ୍ୟାଚାର ବିରୁଦ୍ଧରେ ତଥା ଅନ୍ୟାନ୍ୟ ଦାବି ନେଇ ଆଜି ରାଜ୍ୟବ୍ୟାପି ପ୍ରତିବାଦ ଦିବସ ପାଳନ ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାରେ ମଧ୍ୟ ପ୍ରତିବାଦ କରାଯାଇଥିଲା। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ), ସିପିଆଇ(ଏମଏଲ) ରେଡ଼ଷ୍ଟାର, ସିପିଆଇ(ଏମଏଲ) ଓ ସିପିଆଇ(ଏମଏଲ) ନିଉ ଡ଼େମୋକ୍ରାସି ପରି ୪ ବାମପନ୍ଥୀ ଦଳ ପକ୍ଷରୁ ଦିଆଯାଇଥିବା ଏହି ପ୍ରତିବାଦ ଦିବସ ଆହ୍ୱାନ କ୍ରମେ ଆଜି ପାରଳାଖେମୁଣ୍ଡିରେ ଚାଷୀ, ମୂଲିଆ ଓ ଆଦିବାସୀଙ୍କ ଶୋଭାଯାତ୍ରା ଓ ବିକ୍ଷୋଭ ହୋଇଥିଲା। ସିପିଆଇ(ଏମଏଲ) ନିଉ ଡ଼େମୋକ୍ରାସି ପକ୍ଷରୁ ଆଜି ସକାଳେ ସ୍ଥାନୀୟ କଲେଜ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସିପିଆଇ(ଏମଏଲ) ନିଉ ଡ଼େମୋକ୍ରାସିର ଜିଲ୍ଲା ମୁଖପାତ୍ର କେଦାର ଶବର, ସମ୍ଭୁରା ଶବର, କାଡୁକା ଶବର, ଜୁନେଶ ମେଦି, ସୁଙ୍କା ଶବର, ଗଣେଶ୍ୱରୀ ଶବର ଓ ଗୌରୀ ଶବରଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ନିକଟରେ କାଶିନଗର ବ୍ଲକର ମଧୁସୁଦନପୁର ଠାରେ ଏକ ସରକାରୀ ଜମିରେ ଘର କରିଥିବା ଆଦିବାସୀଙ୍କୁ ବଳପୂର୍ବକ ଉଚ୍ଛେଦ କରିବାକୁ ପୁଲିସ ଓ ପ୍ରଶାସନିକ ଅଧିକାରୀ ଗାଁର ଆଦିବାସୀ ମହିଳାଙ୍କ ଉପରେ ଯେଉଁଭଳି ଆକ୍ରମଣ କରିଥିଲେ, ସେହି ଘଟଣାର ତଦନ୍ତ କରି ନ୍ୟାୟ ଦେବାକୁ ମଧ୍ୟ ଦାବି କରାଯାଇଥିଲା। ଶେଷରେ ୮ଦଫା ସମ୍ବଳିତ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ପ୍ରେରଣ କରାଯାଇଥିଲା।

# ସରୁନି ପାନୀୟଜଳ ପ୍ରକଳ୍ପ; ତେଜିଲାଣି ଅସନ୍ତୋଷ



କାଶୀନଗର,୧୭।୪(ସମିସ)

କାଶୀନଗର ଅଞ୍ଚଳରେ ଗ୍ରୀଷ୍ମ ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଅବ୍ୟବସ୍ଥାକୁ ନେଇ କାଶୀନଗର ବ୍ଲକ୍ ଓ ଏନ୍‌ଏସିର ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚିରସ୍ରୋତା ବଂଶଧାରା ନଦୀ କୂଳରେ ରହି କାଶୀନଗର ଅଞ୍ଚଳବାସୀ ପିଇବା ପାଣି ପାଇଁ ହନ୍ତସନ୍ତ ହେବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ କହିଛନ୍ତି। ବ୍ଲକ୍ ଅନ୍ତର୍ଗତ ପାଲସିଂରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ପାଇଁ ୨୦୨୦ରେ ମଞ୍ଜୁରୀ ମିଳିଥିଲା। ୧୩୪ କୋଟି ଟଙ୍କା ବ୍ୟୟରେ ଓ ହର୍ ଘର୍ ଜଲ୍ ଯୋଜନା ଅଧୀନରେ ୨୦୨୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ସକାଶେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ସମୟ ସୀମା ସରିବାର ୪ ବର୍ଷ ପରେ ବି ଉକ୍ତ ପ୍ରକଳ୍ପ ଜରିଆରେ ଜଳଯୋଗାଣ ସମ୍ଭବ ହୋଇପାରି ନଥିବା ଜଣାପଡିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ବୃହତ ମୁଖ୍ୟ ଜଳ ବିଶୋଧନାଗାର, ୧୨ ନିୟୁତ ଲିଟର ଭୂତଳ ଜଳ ସଂରକ୍ଷଣ ପାଇଁ କ୍ଷମତା ସମ୍ପନ୍ନ ଟାଙ୍କି, ସମସ୍ତ ୧୭ ଓଭରହେଡ୍ ପାଣି ଟାଙ୍କି, ପାଇପ ବିଛାଇବା ଓ ଟ୍ୟାପ ଲଗାଇବା କାର୍ଯ୍ୟ ସରିଥିଲେ ମଧ୍ୟ କିଛି ସ୍ଥାନରେ ପାଇପ ଫାଟି ଯାଇଥିବା କାରଣରୁ ପ୍ରସ୍ତାବିତ ଗୁମ୍ମା ଓ କାଶୀନଗର ବ୍ଲକର ୧୭ ହଜାର ୫୩୦ ଘରକୁ ଜଳଯୋଗାଣ ହୋଇପାରୁନାହିଁ। ପରୀକ୍ଷାମୂଳକ ଭାବେ ମାତ୍ର କେତେକ ଗ୍ରାମକୁ ଜଳ ଯୋଗାଇ ଦିଆଯାଉଛି। କ୍ରମଶଃ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଗ୍ରାମ୍ୟ ଜଳଯୋଗାଣ ବିଭାଗ ସୂତ୍ରରୁ ପ୍ରକାଶ। କିଛିଦିନ ପୂର୍ବରୁ ଜିଲ୍ଲା ଅଧିକାରୀ ଉକ୍ତ ପ୍ରକଳ୍ପ ପରିଦର୍ଶନ କରି ସମସ୍ୟା ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି। ବର୍ତ୍ତମାନ ବି ଉକ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନଥିବାରୁ ଦୁଇ ବ୍ଲକବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ଏନ୍‌ଏସିର ଫରେଷ୍ଟ ଜଙ୍କସନ୍ ଓ ବସଷ୍ଟାଣ୍ଡ ନିକଟରେ ପାନୀୟ ସୋଲାର ପ୍ୟୁରିଫାଇ ଜଳଯୋଗାଣ ପାଇଁ ଦୁଇଟି ପ୍ରକଳ୍ପ ନିର୍ମାଣର କାର୍ଯ୍ୟ ବହୁଦିନ ହେଲା ସରିଥିଲେ ବି କାର୍ଯ୍ୟକ୍ଷମ ହୋଇନାହିଁ। ପୂର୍ବରୁ ଏନ୍‌ଏସି ଅଞ୍ଚଳର ଜନସାଧାରଣ ଉକ୍ତ ପ୍ରକଳ୍ପ ଚାଲୁ କରିବାକୁ ବାରମ୍ବାର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ପରେ ବି କୌଣସି ପଦକ୍ଷେପ ନେଇନଥିଲେ। ବର୍ତ୍ତମାନ କାର୍ଯ୍ୟନିର୍ବାହୀ ଅଧିକାରୀ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ତଥା ୧୩ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରିଥିବା ସୂଚନା ମିଳିଛି। ଉକ୍ତ ପ୍ରକଳ୍ପର କାହିଁକି ଅଟିକି ରହିଛି ସେନେଇ ତଦନ୍ତ କରି ଜଳ ଯୋଗାଣ କିପରି ହେଇପାରିବ ସେନେଇ ପଦକ୍ଷେପ ନେବେ ବୋଲି କହିଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ। ଜନସ୍ୱାର୍ଥକୁ ଆଖି ଆଗରେ ରଖି ତୁରନ୍ତ ପାନୀୟ ଜଳଯୋଗାଣର ସୁବ୍ୟବସ୍ଥା କରିବାକୁ ଦାବି ହୋଇଛି।

## ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

# ବିଜୁବାବୁ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ




ଛତ୍ରପୁର,୧୭ ।୪(ସମିସ)

ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ, ମହାନ୍ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୨୯ତମ ତିରୋଧାନ ଦିବସ ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ଏହି ଅବସରରେ ବହୁ ଛାମୁଆଁ ନେତା ଓ କର୍ମୀ ମାନେ ଏକଜୁଟ ହୋଇ ବିଜେଡିକୁ ଆହୁରୀ ସୁସଙ୍ଗଠିତ ଏବଂ ମଜବୁତ କରିବା ନିମନ୍ତେ ସଂକଳ୍ପ ନେଇଛନ୍ତି । ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନ ଏବଂ ଛତ୍ରପୁର ବ୍ଲକ ସଭାପତି ଏସ. ଚକ୍ରପାଣିରେଡ୍ଡୀଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀର ବହୁ ଦଳୀୟ ନେତା ଓ କର୍ମୀ ମାନେ ସାମିଲ ହୋଇ ଛତ୍ରପୁର ସ୍ଥିତ ଗୌରୀଶଙ୍କର ମନ୍ଦିର ନିକଟରେ ଥିବା ଲାଇନବନ୍ଧରେ ବରିଷ୍ଠ ନେତା ପ୍ରଶାନ୍ତ କୁମାର କରଙ୍କ ପୌରହିତ୍ୟରେ ତିଳତର୍ପଣ କରିଥିଲେ । ସେଠାରୁ ଏକ ଶୋଭାଯାତ୍ର ରେ ବାହାରି ସ୍ଥାନୀୟ ଲୋଏର ବସଷ୍ଟାଣ୍ଡ ପହଂଚି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି କରିଥିଲେ । ଏଥିରେ ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଯୁବ ନେତା ଟି. ଚନ୍ଦ୍ର ଶେଖର ରାଓ, ପୂର୍ବତନ କାଉନସିଲର ରାଜେଶ ସାହୁ, ଗଞ୍ଜାମ ବ୍ଲକ ସଭାପତି ରଞ୍ଜନ ପଲାଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନଦାସ, ଜିଲ୍ଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ ଓ ସନାତନ ବେହେରା, ଗଗନ ସ୍ୱାଇଁ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ସାଧାରଣ ସମ୍ପାଦକ ବିମଳ କୁମାର ପଣ୍ଡା, ରମ୍ଭା ଏନଏସି ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ରାଜୁ ପାତ୍ର, ମତ୍ସ୍ୟଜୀବୀ ନେତା ବି. ଭୀମସେନ, ଦିଲେଶ୍ୱର ରେଡ୍ଡୀ, ରାଜେଶ ମହାରଣା, ଓକିଲ ସଂଘ ସଭାପତି ଏଲ. ଗୋପାଳ ରାଓ, ଆଇନଜୀବୀ ମନୋଜ କୁମାର ପାଢ଼ୀ ଓ ଭୈରବୀ କୁମାର ପଟ୍ଟନାୟକ, ଯୁବନେତା କାହ୍ନୁ ଚରଣବେହେରା, ଅଟଳ ବିହାରୀ ପଟ୍ଟନାୟକ, ଅଭିରାମ ପ୍ରଧାନ, ଟିକିନା ଗୌଡ଼, ସନ୍ତୋଷ ବେହେରା, ନାରୀନେତ୍ରୀ ନୀଳାଦ୍ରି ପ୍ରଧାନ, ନାଗେଶ୍ୱର ରାଓ ପ୍ରମୁଖ ସାମିଲ ଥିଲେ ।




**ଧରାକୋଟ** : ବିଜୁ ପଟ୍ଟନାୟକଙ୍କ ୨୯ ତମ ତିରୋଧାନ ଦିବସ ଧରାକୋଟରେ ପାଳନ କରାଯାଇଛି । ଏହି ଅବସରରେ ବାଲ୍ମିକେଶ୍ୱର ଅନାଥ ଆଶ୍ରମ ପରିସରରେ ୍ରବିଜୁ ପଟ୍ଟନାୟକଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଆଶ୍ରମ ପରିସରରେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ପ୍ରତାପ ସ୍ୱାଇଁ, ଧରାକୋଟ ସରପଞ୍ଚ ପୁନିଆ ଦାସ, ସମିତି ସଭ୍ୟ ଦୟାନିଧି ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ବଳବନ୍ତ ସିଂହ, ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ, କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ବିପିନ ବିହାରୀ ସ୍ୱାଇଁ, ସୁନିଲ ଗୌଡ଼, ଅରବିନ୍ଦ ପଟ୍ଟନାୟକ, ମୀନକେତନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ ।



**ବୁଗୁଡ଼ା** : ବୁଗୁଡ଼ାରେ ବିଜେଡି ପକ୍ଷରୁ ବିଜୁବାବୁଙ୍କ ୨୯ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗଦେଇ ବୁଗୁଡ଼ା ବସଷ୍ଟାଣ୍ଡରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ବିଜୁବାବୁ ଥିଲେ କଳିଙ୍ଗ ତଥା ଆମ ଓଡିଶାର ଗର୍ବ ଓ ଗୌରବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ ବିଜେଡି ସଭାପତି ଖଦାଳ ଖଟେଇ, ସୁଧାଂଶୁ ଶେଖର ପାଢ଼ୀ, କାର୍ଯ୍ୟକାରୀ ସଭାପତି କବିରାଜ ଗୌଡ଼, ସୁବ୍ରତ ରାଖାଲ ଦାସ, କିଶୋର ବେହେରା, ଟିକୁ ବାରିକ, ମନୋରଞ୍ଜନ ଦାସ, ନଗର ବିଜେଡି ସଭାପତି କେ.ତ୍ରିଲୋଚନ ଦୋରା, ଜିତେନ୍ଦ୍ର କୁମାର ନାୟକ, କାର୍ତ୍ତିକ ସାହାଣୀ, ମନ୍ମଥ ସାମଲ, ସୂର୍ଯ୍ୟନାରାୟଣ ମହାନ୍ତି, ହରିହର ବିଷୋୟୀ, ରମଣ ନାହାକ, ଅମରେନ୍ଦ୍ର ସେନାପତି, ଭାଗ୍ୟଲତା ରାଉତ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।




**ଖଲ୍ଲିକୋଟ** : ଖଲ୍ଲିକୋଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ବରିଷ୍ଠ ବିଜେଡି ନେତା ରାମମୋହନ ପଣ୍ଡା, ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିତାଞ୍ଜଳି ମିଶ୍ର, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଛାତ୍ର ସଭାପତି ସମୀର କୁମାର ଗୌଡ଼, ନାରୀ ନେତ୍ରୀ କଲ୍ୟାଣୀ ପଲେଇ, ଅଳକା ପଟ୍ଟନାୟକ, ପୂର୍ବତନ ସରପଞ୍ଚ ରାମକୃଷ୍ଣ ତରେଇ, ବନମାଳୀ ବାଲା, ଜିଲ୍ଲା ପରିଷଦ ବିନାୟକ ଜାଲି, ଯୁବନେତା ସତ୍ୟବାନ ସ୍ୱାଇଁ ଓ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ ।



**ପୁରୁଷୋତ୍ତମପୁର** : ପୁରୁଷୋତ୍ତମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମ ବ୍ଲକ ଓସଭାପତି ନୀଳମଣି ପଣ୍ଡା ଓ ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓ କାଉସିଲର ଅଶୋକ କୁମାର ମହାକୁଡ଼ ଆୟୋଜନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, କୃଷ୍ଣଚନ୍ଦ୍ର ଗୌଡ଼, ଉମାଶଙ୍କର ରାଓ, ଭୀମ ନାୟକ, ଦୁର୍ଯ୍ୟୋଧନ ସାହୁ, ଭାଗିରଥି ବେହେରା, ସୁନିଲ କୁମାର ବେହେରା, ମନୋଜ କୁମାର ଗୌଡ଼, ଅଜିତ କୁମାର ବେହେରା, ଅଜିତ କୁମାର ପାଣିଗ୍ରାହୀ ପ୍ରମୁଖ ବିଜୁ ଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।




**ଆସିକା**: ବିଜୁ ଜୟନ୍ତୀ ଅବସରରେ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଋଷିକୁଲ୍ୟ ଓ ବଡ଼ନଦୀର ସଙ୍ଗମ ସ୍ଥଳରେ ଶହ ଶହ ବିଜୁପ୍ରେମୀଙ୍କ ଉପସ୍ଥିତିରେ ତିଳତର୍ପଣ ପରେ ଆସିକା ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବିଜେଡି କାର୍ଯ୍ୟାଳୟ ଠାରେ ସ୍ମୃତିଚାରଣ ସଭାର ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଆସିକା ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ପୂର୍ବତନ ବ୍ଲକ ଅଦକ୍ଷ୍ୟ ହରେକୃଷ୍ଣ ମଲିକ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ରାଜ୍ୟ ଯୁବ ଉପସଭାପତି ମନୋଜ ଦୋରା, ସନ୍ତୋଷ ନାୟକ, ଜୟଶନ ସ୍ୱାଇଁ, ଜିତେନ୍ଦ୍ର ମହାରଣା, ବ୍ଲକ ସଭାପତି ବିଦ୍ୟୁନ୍ତ ଚର୍ଚ୍ଚି, ତାରିଣୀ ସେନାପତି, ପ୍ରତାପ ପ୍ରଧାନ, ସନ୍ତୋଷ ନାହାକ, ରବୀନ୍ଦ୍ର ସାହୁ, ବାଲିଆସରା ସରପଞ୍ଚ ରବିନ୍ଦ୍ର ପୋଲାଇ, କବିସୂର୍ଯ୍ୟନଗର ବିଜୁ ଛାତ୍ର ନୀଳାଞ୍ଚଳ ମଣ୍ଡଳ, କାମରାଜୁ ଭୋଳ, ସନାତନ ବିଶ୍ୱାଳଙ୍କ ସମେତ ଛାମୁଆ ନେତା, ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ ।

**ରମ୍ଭା**: ରମ୍ଭାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ନଗର ବିଜେଡି ସଭାପତି ଶ୍ରୀକାନ୍ତ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସହର ପାନ୍ଥନିବାସ ଛକ ପାର୍ଶ୍ୱର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ସମବେତ ଭାବେ ସମ୍ମାନ ଜଣାଇ ଏକ ନୀରବ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ କୁମାର ବିଶ୍ୱାଳ (ପୂର୍ବତନ ନଗରପାଳ), ସୌଦାମିନୀ ବିଶ୍ୱାଳ (ପୂର୍ବତନ ନଗର ପାଳିକା), ସୁରେଶ ନାୟକ, ରାଜେନ୍ଦ୍ର ପାତ୍ର, ଗଦାଧର ପରିଡା, ଚନ୍ଦ୍ରଶେଖର ନାହାକ, ଡମ୍ବୁରୁ ପାତ୍ର, ବାବାଜୀ ପାତ୍ର, ଚିତ୍ରସେନ ଦାସ, ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପ୍ରଶାସନର ପ୍ରସ୍ତୁତି

ରମ୍ଭା/ହୁମ୍ମା,୧୭ ।୪(ସମିସ): ରମ୍ଭା ଥାନା ଅନ୍ତର୍ଗତ ହୁମ୍ମାଠାରେ ନୃସିଂହ ପ୍ରତିଷ୍ଠା ଦ୍ୱାଦଶ ବର୍ଷ ପୂର୍ତ୍ତି ଏବଂ ଗୋପୀନାଥଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ୨୨ ତାରିଖରୁ ମେ' ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ତପନ କୁମାର ବିଶ୍ୱାଳ ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କମିଟି ସମ୍ପାଦକ ଭିକାରୀ ପରିଡା, କୋଷାଧ୍ୟକ୍ଷ ଧରମା ସାହୁ, ସନ୍ତୋଷ କୁମାର ସାହୁ, ସୁନୀଲ କୁମାର ସାହୁ, ସାନ୍ତୁନୁ ପଲାଇ, ରଘୁନାଥ ସାହୁ, ଯୋଗେଶ ସାହୁ, ରାମା ରାଓ, ରଙ୍କନିଧି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଯଜ୍ଞସ୍ଥଳ, ଆନନ୍ଦ ବଜାର, ମିନା ବଜାର, ପ୍ରସାଦ ସେବନ ପ୍ରମୁଖ ସ୍ଥାନରେ ସିସିଟିଭି ଲଗାଯିବାକୁ ଆଲୋଚନା ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନି, ଗଞ୍ଜାମ ତହସିଲଦାର ସୁକାନ୍ତଚନ୍ଦ୍ର ମିଶ୍ର, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ଗଡ଼ ହୁମ୍ମା ରାଜା ସାହେବ ରାଘବେନ୍ଦ୍ର ନାରାୟଣ ଦେଓ, ଏବିଡିଓ ସୁଶୀଲ କୁମାର ପଟ୍ଟନାୟକ, ହୁମ୍ମା ଫାଣ୍ଡି ଅଧିକାରୀ ବିନାୟକ ଦାସ, ସମିତି ସଭ୍ୟ ଧ୍ରୁବଚରଣ ପଲାଇ ପ୍ରମୁଖ ମଞ୍ଚାସିନ ରହିଥିଲେ ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା



ଛତ୍ରପୁର,୧୭ ।୪(ସମିସ): ଗଞ୍ଜାମ ଜିଲ୍ଲା ପ୍ରଶାସନର ଜଣେ ନିଷ୍ଠାପର ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୁଗଳ କୃଷ୍ଣ ଦାଶ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ଏକ ଭାବପୂର୍ଣ୍ଣ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ (ଗଞ୍ଜାମ) ସମୀର କୁମାର ଜେନା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ଜିଲ୍ଲା ପ୍ରଶାସନର ସମସ୍ତ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ଶ୍ରୀ ଦାଶଙ୍କ ଦୀର୍ଘ ଚାକିରୀ କାଳ ମଧ୍ୟରେ ତାଙ୍କର ଅସାଧାରଣ କାର୍ଯ୍ୟ ଦକ୍ଷତା, କର୍ତ୍ତବ୍ୟନିଷ୍ଠା ଓ ସରଳ ସ୍ୱଭାବର ଭୂୟସୀ ପ୍ରଶଂସା କରିଥିଲେ । ପରିଶେଷରେ ତାଙ୍କର ଅବସରକାଳୀନ ଜୀବନ ସୁସ୍ଥ ଓ ନିରାମୟ ରହୁ ବୋଲି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ବିଜେପି ଏସ୍‌ସି ମୋର୍ଚ୍ଚା ସଭାପତି ହେଲେ କୀର୍ତ୍ତନ



ରମ୍ଭା,୧୭ ।୪(ସମିସ): ଗଞ୍ଜାମ ଜିଲ୍ଲା ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚାର ଜିଲ୍ଲା ସଭାପତି ରୂପେ କୀର୍ତ୍ତନ ଦାସ ଦ୍ୱିତୀୟ ଥର ମନୋନୀତ ହୋଇଛନ୍ତି । ଏହାକୁ ନେଇ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଂଗଠନ ମହାମନ୍ତ୍ରୀ ମାନସ ରଞ୍ଜନ ମହାନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲିକ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀଙ୍କୁ ଧନ୍ୟବାଦ୍ ସହ କୃତଜ୍ଞତା ଜଣାଇଛନ୍ତି । ଦଳର ହିତରେ ମୋ ସାଧନା ଓ କର୍ତ୍ତବ୍ୟକୁ ଭଲଭାବେ ପାଳନ କରିବି ବୋଲି ସେ କହିଛନ୍ତି ।

## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ

ବ୍ରହ୍ମପୁର,୧୭।୪(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଲୋଚାପଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି । ୪ ଜଣ ଯୁବକ ବାଇକ୍‌ରେ ଆସି ସଂଘବଦ୍ଧ ଭାବେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି । ଶୁକ୍ରବାର ରାତି ସାଢେ ୯ଟାରେ ଲୋଚାପଡା ଆର୍ଶୀବାଦ କଲ୍ୟାଣମଣ୍ଡପ ନିକଟରେ ଏହି ଘଟଣା ଘଟିଛି । ସମ୍ପୃକ୍ତ ଯୁବକଙ୍କ ଶରୀରରେ ଏକାଧିକ ଖଣ୍ଡା ଚୋଟ ପଡିଛି । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ପୁଲିସ ଘଟଣାସ୍ଥଳରେ ଓ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା ସନ୍ଦେହ କରାଯାଉଛି ।

## ଯୁବତୀ ନିଖୋଜ; ମାମଲା ରୁଜୁ କଲା ପୁଲିସ

ଦିଗପହଣ୍ଡି,୧୭।୪(ସମିସ): କେ.ନୂଆଗାଁ ଥାନା ଅଧିନ ଏକ ଗାଁରୁ ଜଣେ ୨୧ ବର୍ଷୀୟା ଯୁବତୀ ଆକସ୍ମିକ ଭାବେ ଘରୁ ନିଖୋଜ ହୋଇଯାଇଥିବା ନେଇ ଯୁବତୀଙ୍କ ବାପା କେ.ନୂଆଗାଁ ଥାନାରେ ଏତଲା ଦେବାପରେ ଆଇଆଇସି ବିଶ୍ୱଜିତ ନାୟକ ନିଖୋଜ ମାମଲା ରୁଜୁ କରିଛନ୍ତି । ନୂଆପଡ଼ା ଫାଣ୍ଡି ଅଧିକାରୀ ଏଏସ୍‌ଆଇ ସୁବାସ ବାୟକଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି । ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟାରୁ ଯୁବତୀ ଜଣକ ନିଖୋଜ ଅଛନ୍ତି । ଗଞ୍ଜାମ ଜିଲ୍ଲା ଜରଡା ଥାନା ମନ୍ଦରଡ଼ା ଗ୍ରାମର ଏକ ୱେଲ୍ଡିଂ ଦୋକାନରେ କାମ କରୁଥିବା ଜଣେ ଯୁବକ ଯୁବତୀଙ୍କ ଭାଇର ସାଙ୍ଗ ଭାବେ ପୂର୍ବରୁ ତାଙ୍କ ଘରକୁ ଯିବାଆସିବା କରୁଥିଲେ । ସେ ତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କେଉଁଆଡେ ନେଇ ଯାଇଥିବା ଯୁବତୀଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି ।

## ସିବିଏସ୍‌ଇ ଦଶମ ପରୀକ୍ଷା : ଜିଲ୍ଲା ଟପ୍ପରକୁ ସମ୍ବର୍ଦ୍ଧନା



ଛତ୍ରପୁର,୧୭ ।୪(ସମିସ): ଗତ ୧୫ ତାରିଖରେ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ ପ୍ରକାଶ ହୋଇଛି । ଏହି ଅବସରରେ ସୋରଡା ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଅଂଶୁମାନ ପଣ୍ଡା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ସେ ୫୦୦ ମାର୍କରୁ ୪୯୬ ମାର୍କ ରଖି ଗଞ୍ଜାମ ଜିଲ୍ଲା ଟପ୍ପର ହୋଇଛନ୍ତି । ଏହାସହ ରାଜ୍ୟରେ ସମସ୍ତ ଓଏଭି ବିଦ୍ୟାଳୟର ଓଡିଶାରେ ୩ୟ ସ୍ଥାନ ରଖିଛନ୍ତି । ଏହି ଅବସରରେ ତାଙ୍କୁ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତିଭାସନ ସମ୍ବର୍ଦ୍ଧନା ଓ ପ୍ରଶଂସାପତ୍ର ପ୍ରଦାନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପୂର୍ବ ବର୍ଷ ଅପେକ୍ଷା ଜିଲ୍ଲାରେ ଚଳିତ ବର୍ଷ ଦଶମ ଶ୍ରେଣୀ ସିବିଏସଇ ପରୀକ୍ଷା ଫଳ ଭଲ ହୋଇଥିବା ଜିଲ୍ଲାପାଳ କହିଥିଲେ । ଅଂଶୁମାନ ଆଗାମି ଦିନରେ ଆଇଆଇଟି ପଢିବା ପାଇଁ ଆଶା ରଖିଛନ୍ତି । କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ସେ ଗଞ୍ଜାମ ଜିଲ୍ଲା ପାଇଁ ଗୌରବ ଆଣିପାରିଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ର, ଜିଲ୍ଲା ଅନୁସୂଚିତ ଜାତି / ଜନଜାତି ସଂଯୋଜକ ଡ଼ଃ ସରୋଜ ମୋହନ ପାଲ, ଓଡିଶା ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରିନ୍ସପାଲ ଆଶିଷ ମିଶ୍ର ଓ ଅଂଶୁମାନଙ୍କ ବାପା ପ୍ରଫୁଲ କୁମାର ପଣ୍ଡା ଉପସ୍ଥିତ ଥିଲେ ।

## ବରିଷ୍ଠ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା

ସୋରଡା, ୧୭ ।୪(ସମିସ): ସୋରଡା ଆଇନଜୀବୀ ସଂଘ ପକ୍ଷରୁ ବରିଷ୍ଠ ଦେୱାନୀ ବିଚାରପତି ଲୋକନାଥ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀ ମିଶ୍ର ସୋରଡ଼ା ନ୍ୟାୟାଳୟରେ ତାଙ୍କ କାର୍ଯ୍ୟକାଳ ଅବଧିରେ ନ୍ୟାୟ ପ୍ରତି ଅତୁଟ ନିଷ୍ଠା, ସତ୍ୟନିଷ୍ଠା ସହିତ ଦାୟିତ୍ୱ ପାଳନ କରିଥିଲେ । ଏହି ସଭାରେ ଆଇନଜୀବୀ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକଙ୍କ ସହିତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଆଇନଜୀବୀ ସଂଘ ପକ୍ଷରୁ ତାଙ୍କର ଆଗାମୀ ଦିନଗୁଡ଼ିକ ସୁଖମୟ ଓ ସଫଳତାମୟ ହେଉ ବୋଲି କାମନା କରାଯାଇଥିଲା ।

## ତହସିଲଦାରଙ୍କୁ ଆଦିବାସୀ ମଞ୍ଚର ଦାବିପତ୍ର




ଧରାକୋଟ,୧୭ ।୪(ସମିସ): ଧରାକୋଟ ଅଞ୍ଚଳରେ ମଧ୍ୟ ପୁଲିସ ଦମନଲୀଳା ଓ ଜୋରଜବରଦସ୍ତ ସାଧାରଣ ଲୋକଙ୍କ ଜମିକୁ କମ୍ପାନୀ ପାଇଁ ଅଧିଗ୍ରହଣକୁ ନିନ୍ଦା କରାଯାଇଛି । ଏନେଇ ୯ ଦଫା ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କୁ ପ୍ରଦାନ କରାଯାଇଥିଲା । ଶୁକ୍ରବାର ଏଆଇକେ ଏମଏସର ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ବ୍ଲକ ସଭାପତି ନରସିଂହ ଦଳ ବେହେରା, ବ୍ଲକ କମିଟି ସଦସ୍ୟ ଶୁକ୍ରୁ ଗମାଙ୍ଗ, ଝିଲିକା ମଣ୍ଡଳ, ଯକ୍ଷ ଗମାଙ୍ଗ, ଚରଣ ଗମାଙ୍ଗ, କାନ୍ଦିଆ ଗମାଙ୍ଗ, ଜଗନ୍ନାଥ ନାୟକ, ମିଥୁନ ନାୟକ ଓ ନିରଞ୍ଜନ ନାୟକଙ୍କ ନେତୃତ୍ୱରେ ଶତାଧିକ ଆଦିବାସୀ ଲୋକ ଧରାକୋଟ ମେଡିକାଲ ଠାରୁ ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ ।

